ପ୍ରମେୟ
ତାରିଖ: ୨୦.୦୨.୨୦୨୪

# ବିଆଇଆଇଟିଏମ୍‌ର ରୌପ୍ୟ ଜୟନ୍ତୀ



ଚନ୍ଦ୍ରଶେଖରପୁର,୧୯।୨(ଆପ୍ର): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ର ରୌପ୍ୟ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ୟଙ୍ଗ ଇଣ୍ଡିଆ ସହଭାଗିତାରେ ଅନୁଷ୍ଠିତ ଏହି ଶିବିରରେ ୯୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ବିପିୟୁଟି କୁଳପତି ପ୍ରଫେସର ଅମୀୟ ରଥ, ଆଇଆଇଟି ଖଡ଼ଗପୁର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା.ଦାମୋଦର ଆଚାର୍ଯ୍ୟ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରେମେନ୍ଦୁ ପି. ମାଥୁର, ବିଆଇଆଇଟିଏମ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ, ଡିନ୍ ଡ.ସୁରଜିତ୍ କର ଓ ଆଡଭାଇଜର ଏକାଡେମୀ ପ୍ରଫେସର ପିଆର ପଟ୍ଟନାୟକ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ।

## ୯୦ ୟୁନିଟ୍ ରକ୍ତ ସଂଗ୍ରହ

ଏହି ଅବସରରେ ରୌପ୍ୟ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ ପଦ୍ମଶ୍ରୀ ଦିଲୀପ ତିର୍କିଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ 'ଅନନ୍ୟା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଦଶ ବର୍ଷରୁ ଅଧିକ ସମୟ କାର୍ଯ୍ୟକରିଥିବା ଟ୍ରଷ୍ଟ ସଦସ୍ୟ, କର୍ପୋରେଟ୍ ଲିଡର, ସ୍ୱର୍ଣ୍ଣପଦକଧାରୀ ଆଲୁମିନି ଏବଂ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

ଦ୍ୱିତୀୟ ଦିବସରେ ବିଆଇଆଇଟିଏମ୍ ଓ ଆରଏସଆଇ ସହଯୋଗରେ ଏକ ସମ୍ମିଳନୀ ହୋଇଥିଲା। ସିଓ୍ୱାଇଏସ୍‌ଡି ସହପ୍ରତିଷ୍ଠାତା ଟାଟା ଷ୍ଟିଲ ମାଇନିଂ ଏମଡି ପଙ୍କଜ ସତୀଜା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସରଣଜିତ ସିଂ, ପ୍ରଫେସର ଆରଏନ ସୁବୁଦ୍ଧି ଯୋଗଦେଇଥିଲେ।

କିଟ୍ ପ୍ରୋ ଭିସି ପ୍ରଫେସର ଡ. ତପନ ପଣ୍ଡା, ସମ୍ବାଦ ଗ୍ରୁପ୍ ଏମ୍‌ଡି ମୋନିକା ନାୟର ପଟ୍ଟନାୟକ, ଜେକେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅନିଲ ବାଜପାୟୀ ଏବଂ ଜେଏସ୍‌ପିଏଲ୍ ଉପସଭାପତି ବିଭୁ ପ୍ରସାଦ ମିଶ୍ର, ଆଇଏମଆଇ ନିର୍ଦ୍ଦେଶକ ପ୍ରଫେସର ରମେଶ ବେହେଲ, ଜ୍ୟୋତି ଗ୍ରୁପ୍ ନିର୍ଦ୍ଦେଶିକା ମେନୁ ପଟ୍ଟନାୟକ ଓ ଓଟିଭି ନେଟ୍‌ଓ୍ୱର୍କ ଡିଜିଟାଲ ମୁଖ୍ୟ ଲିଟିସା ମଙ୍ଗତ ପଣ୍ଡାଙ୍କ ସହ ଭର୍ଚୁଆଲରେ ୧୬ଟି ବିଭିନ୍ନ ଦେଶର ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।